# NATIONAL NEWS BULLETIN (ODIA)

## 1 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ତାମିଲନାଡୁ ଏବଂ ପୁଡୁଚେରୀରେ ଭିତ୍ତିଭୂମି ସୁଦୃଢ଼ୀକରଣ ନିମନ୍ତେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ ଓ ଉତ୍ସର୍ଗ କରିବେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମ ଏସିଆରେ ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଜି ୪୪୪ଟି ବିମାନ ବାତିଲ ସମ୍ଭାବନା ।
- ମିଳିତ ଆକ୍ରମଣରେ ଇରାନ୍‌ର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲୀ ଖାମେନିଙ୍କ ମୃତ୍ୟୁ ହୋଇଥିବା ସ୍ପଷ୍ଟ କଲେ ଆମେରିକା ରାଷ୍ଟ୍ରପତି ।
- ଇସ୍ରାଏଲ ଏବଂ ସିରିଆରେ ରହୁଥିବା ଭାରତୀୟଙ୍କ ପାଇଁ ଜାରି ହେଲା ସତର୍କତାମୂଳକ ପରାମର୍ଶ ।

ଏବଂ

- ଆଇସିସି ଟି-୨୦ ପୁରୁଷ କ୍ରିକେଟ ବିଶ୍ୱକପ୍‌ରେ ଆଜି ଅନୁଷ୍ଠିତ ହେବ ଭାରତ ଏବଂ ୱେଷ୍ଟଇଣ୍ଡିଜ ମଧ୍ୟରେ ଶେଷ ସୁପର-୮ ପର୍ଯ୍ୟାୟ ମ୍ୟାଚ୍ ।

# ପିଏମ୍-ପୁଡୁଚେରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁ ଏବଂ ପୁଡୁଚେରୀରେ ୭ ହଜାର ୧୦୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ରାଜସ୍ଥାନ ଏବଂ ଗୁଜରାଟ ଗସ୍ତ ପରେ ଗତକାଲି ଚେନ୍ନାଇରେ ପହଞ୍ଚିଥିଲେ।

ପୁଡୁଚେରୀରେ, ଶ୍ରୀ ମୋଦୀ ଆଜି ସକାଳେ ଦୁଇ ହଜାର ୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶ ପ୍ରକଳ୍ପର ଉଦଘାଟନ, ଶିଳାନ୍ୟାସ ଓ ରାଷ୍ଟ୍ରକୁ ଉତ୍ସର୍ଗ କରିବେ। ଶ୍ରୀ ମୋଦୀ ଏହି ଅବସରରେ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।

ପ୍ରଧାନମନ୍ତ୍ରୀ କେନ୍ଦ୍ରଶାସିତ ଅଞ୍ଚଳରେ ଭିତ୍ତିଭୂମି, ସହରାଞ୍ଚଳ ସେବା, ଶିଳ୍ପ ଅଭିବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶକୁ ସୁଦୃଢ଼ କରିବା ପାଇଁ ୧ହଜାର ୧୪୨କୋଟିରୁ ଅଧିକ ଟଙ୍କାର ୧୯ଟି ପ୍ରକଳ୍ପର ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ୭୫୦ ଏକରର କରାସୁର-ସେଦାରପେଟ ଶିଳ୍ପ ଇଷ୍ଟେଟକୁ ଆଜି ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ ।

ଶ୍ରୀ ମୋଦୀ ପୁଡୁଚେରୀରେ ଭିତ୍ତିଭୂମି ସୁଦୃଢ଼ୀକରଣ ନିମନ୍ତେ ୧ହଜାର ୫୭୧କୋଟିରୁ ଅଧିକ ଟଙ୍କାର ୭୪ଟି ପ୍ରକଳ୍ପର ଶିଳାନ୍ୟାସ

କରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଅରୋଭିଲରେ ବିଶ୍ୱ ଆଧ୍ୟାତ୍ମିକତା ମହୋତ୍ସବ ୨୦୨୬ ମଧ୍ୟ ଉଦଘାଟନ କରିବେ।

ପୁଡୁଚେରୀ ପରେ ପ୍ରଧାନମନ୍ତ୍ରୀ ଆଜି ଅପରାହ୍ନରେ ତାମିଲନାଡୁର ମଦୁରାଇ ଯାତ୍ରା କରି ୪ ହଜାର ୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ ଉତ୍ସର୍ଗ ଏବଂ ଶିଳାନ୍ୟାସ କରିବେ। ତାମିଲନାଡୁରେ ପ୍ରସାରଣ ସେବାକୁ ଆହୁରି ମଜବୁତ କରିବା ପାଇଁ ଶ୍ରୀ ମୋଦୀ ୩ଟି ନୂତନ ଆକାଶବାଣୀ ଏଫଏମ ରିଲେ ଟ୍ରାନ୍ସମିଟର ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ମଦୁରାଇରେ ଏନଡିଏର ଏକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ପରେ ଶ୍ରୀ ମୋଦୀ ମଦୁରାଇର ତିରୁପ୍ପାରଙ୍କୁଣ୍ଡ୍ରମର ଅରୁଲମିଗୁ ସୁବ୍ରମଣ୍ୟସ୍ୱାମୀ ମନ୍ଦିରରେ ଦର୍ଶନ ଏବଂ ପୂଜା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି।

## ମୋକା-ଫ୍ଲାଇଟ୍ କ୍ୟାନସେଲ୍ଡ

ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାରୁ ଆଜି ୪୪୪ଟି ବିମାନ ବାତିଲ ହେବାର ସମ୍ଭାବନା ରହିଥିବା ବେସାମରିକ

ବିମାନ ଚଳାଚଳ ମନ୍ତ୍ରଣାଳୟ ଘୋଷଣା କରିଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରଣାଳୟ କହିଛି, ଯାତ୍ରୀ ସୁରକ୍ଷା ଏବଂ ପରିଚାଳନାଗତ ନିୟମାବଳୀର ପାଳନ ସୁନିଶ୍ଚିତ କରିବା ପାଇଁ ଡିଜିସିଏ କାର୍ଯ୍ୟ କରୁଛି।

ଇରାନ ଏବଂ ମଧ୍ୟପ୍ରାଚ୍ୟର କିଛି ଅଂଶରେ ଆକାଶ ମାର୍ଗ ପ୍ରତିବନ୍ଧକ ଯୋଗୁଁ ଗତକାଲି ୪୧୦ଟି ବିମାନ ବାତିଲ କରାଯାଇଥିଲା ଏବଂ ଆଜି ୪୪୪ଟି ବିମାନ ବାତିଲ ହେବାର ସମ୍ଭାବନା ରହିଛି। ଯାତ୍ରୀମାନଙ୍କୁ ବିମାନବନ୍ଦରକୁ ଯିବା ପୂର୍ବରୁ ବିମାନ କମ୍ପାନୀ ସହିତ ସେମାନଙ୍କର ଉଡାଣର ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ପ୍ରମୁଖ ବିମାନବନ୍ଦରଗୁଡ଼ିକ ବିମାନ ଉଡାଣ ମାର୍ଗ ପରିବର୍ତ୍ତନ ସମ୍ବନ୍ଧୀୟ ପରିଚାଳନା ଏବଂ ଯାତ୍ରୀ ସହାୟତା ପ୍ରଦାନ କରିବା ପାଇଁ ସତର୍କତାରେ ଅବଲମ୍ବନ କରୁଛନ୍ତି। ବିଶେଷକରି ବିମାନ ବନ୍ଦର ଟର୍ମିନାଲରେ ଯାତ୍ରୀଭିଡ଼ ଉପରେ ନଜର ରଖାଯାଇଛି । ଗତକାଲି ଯାତ୍ରୀମାନେ ବିଭିନ୍ନ ଅସୁବିଧା ନେଇ ୨୧୬ଟି ଅଭିଯୋଗ କରିଥିବାବେଳେ ୧୦୫ଟି ତୁରନ୍ତ ସମାଧାନ କରାଯାଇଥିଲା ।

# ଏୟାର ଇଣ୍ଡିଆ ଫ୍ଲାଇଟ୍ସ

ପଶ୍ଚିମ ଏସିଆର ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏୟାର ଇଣ୍ଡିଆ ଆଜି ରାତି ୧୧ଟା ଅଣଷଠୀ ପର୍ଯ୍ୟନ୍ତ ସମସ୍ତ ବିମାନ ଉଡ଼ାଣକୁ ବାତିଲ କରିଛି। ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯାତ୍ରୀ, କର୍ମଚାରୀ ଏବଂ ବିମାନର ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି । ଏୟାର ଇଣ୍ଡିଆ ପକ୍ଷରୁ ପ୍ରଭାବିତ ଯାତ୍ରୀମାନଙ୍କୁ ସୂଚନା ଦିଆଯିବା ସହ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଉଛି । ଏୟାର ଇଣ୍ଡିଆ ପକ୍ଷରୁ ଯାତ୍ରୀମାନଙ୍କ ସୁବିଧା ଲାଗି ୨ଟି ଫୋନ୍ ନମ୍ବର ଜାରି କରାଯାଇଛି । ସେଗୁଡ଼ିକ ହେଉଛି ୯୧ ୧୧୬-୯୩୨୯-୩୩୩ ଏବଂ ୧୧୬୯-୩୨୯-୯୯୯ ।

ସୂଚନା ଅନୁଯାୟୀ ଆଜି ପାଇଁ ଏୟାର ଇଣ୍ଡିଆ ନିର୍ଦ୍ଧାରିତ ୨୮ଟି ଅନ୍ତର୍ଜାତୀୟ ଉଡ଼ାଣକୁ ବାତିଲ କରିଛି। ପ୍ରଭାବିତ ଉଡ଼ାଣ ମଧ୍ୟରେ ଦିଲ୍ଲୀ ଏବଂ ମୁମ୍ବାଇରୁ ଲଣ୍ଡନ ହିଥ୍ରୋ, ଅମୃତସରରୁ ଲଣ୍ଡନ ଗାଟୱିକ୍ ଏବଂ ଦିଲ୍ଲୀ ଓ ମୁମ୍ବାଇରୁ ନ୍ୟୁୟର୍କକୁ ଉଡାଣ ଥିବାବେଳେ ମୁମ୍ବାଇ-ନ୍ୟୁୟର୍କ, ଦିଲ୍ଲୀ-ଶିକାଗୋ, ଦିଲ୍ଲୀ-ଟୋରଣ୍ଟୋ, ଦିଲ୍ଲୀ-ଫ୍ରାଙ୍କଫର୍ଟ, ମୁମ୍ବାଇ-ଫ୍ରାଙ୍କଫର୍ଟ ଏବଂ ଦିଲ୍ଲୀ-ପ୍ୟାରିସ୍ ଉଡାଣ ଅନ୍ତର୍ଭୁକ୍ତ।

# ୟୁଏସ୍ ଇସ୍ରାଏଲ-ଇରାନ ୱାର

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଆମେରିକା-ଇସ୍ରାଏଲ ବିମାନ ଆକ୍ରମଣରେ ନିହତ ହୋଇଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଟ୍ରମ୍ପ କହିଛନ୍ତି ଯେ ଖାମେନିଙ୍କ ମୃତ୍ୟୁ ଇରାନ ଲୋକଙ୍କ ପାଇଁ ସେମାନଙ୍କ ଦେଶକୁ ପୁନର୍ବାର ହାସଲ କରିବାର ଏକମାତ୍ର ସର୍ବୋତ୍ତମ ସୁଯୋଗ। ସେ କହିଛନ୍ତି ଆସନ୍ତା ୧ସପ୍ତାହ କିମ୍ବା ଅଧିକ ସମୟ ଧରି ବୋମାମାଡ ଜାରି ରହିବ ।

ଇରାନର ସାମରିକସ୍ଥଳୀ ଏବଂ ସରକାରୀ ସ୍ଥାନଗୁଡ଼ିକ ଉପରେ ଆମେରିକା ଏବଂ ଇସ୍ରାଏଲର ମିଳିତ ବିମାନ ଆକ୍ରମଣ ପରେ ଇରାନର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଜଣେ ବରିଷ୍ଠ ଇସ୍ରାଏଲୀ ଅଧିକାରୀଙ୍କ ଅନୁଯାୟୀ, ଇତିମଧ୍ୟରେ ଖାମେନିଙ୍କ ମୃତଦେହ ମିଳିଛି। ଗତକାଲି ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ମିଳିତଭାବେ ଇରାନ ଉପରେ ଆକ୍ରମଣ ପରେ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଇଛି । ଇରାନର ସରକାରୀ ଗଣମାଧ୍ୟମ ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୨୦୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭୦୦ ରୁ ଅଧିକ ଆହତ ହୋଇଛନ୍ତି । ଇରାନ ରାଷ୍ଟ୍ରପତି ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି ।

ଅନ୍ୟପକ୍ଷରେ ଇରାନ୍‌ର ପ୍ରତିଆକ୍ରମଣକୁ ଦୃଷ୍ଟିରେ ରଖି ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଟଜ୍ ସମଗ୍ର ଇସ୍ରାଏଲରେ ଜରୁରୀକାଳୀନ ପରିସ୍ଥିତି

ଘୋଷଣା କରିଛନ୍ତି । ଇସ୍ରାଏଲ ଉପରେ ପ୍ରାୟ ଇରାନ୍ ପକ୍ଷରୁ ୩୫ ଟି କ୍ଷେପଣାସ୍ତ୍ର ସହାୟତାର ଆକ୍ରମଣ କରାଯାଇଥିବା ସୂଚନା ମିଳିଚି ।

## ଇଣ୍ଡିଆ-ଇସ୍ରାଏଲ ଆଡଭାଇଜରୀ

ଇସ୍ରାଏଲରେ ଥିବା ଭାରତୀୟ ଦୂତାବାସ ସେଠାରେ ଅସ୍ଥାୟୀ ଭାବରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ପୂର୍ବରୁ ଜାରି କରାଯାଇଥିବା ପରାମର୍ଶକୁ ଅନୁସରଣ କରିବାକୁ କହିଛି । ସେମାନଙ୍କୁ indembassyisrael.gov.in ୱେବ୍‌ସାଇଟ୍‌ରେ ପଞ୍ଜୀକରଣ କରିବାକୁ ଭାରତୀୟ ଦୂତାବାସ ଅନୁରୋଧ କରିଛି । ଏହାଫଳରେ ଆବଶ୍ୟକ ସମୟରେ  ସହାୟତା ଏବଂ ଯୋଗାଯୋଗ ସହଜ ହୋଇପାରିବ । ଦୂତାବାସ ଇସ୍ରାଏଲରେ ଥିବା ଭାରତୀୟ ନାଗରିକମାନଙ୍କ ସହ ଯୋଗାଯୋଗରେ ରହିଥିବା ସୂଚନା ଦିଆଯାଇଛି ।

## ଇଣ୍ଡିଆ-ସିରିଆ ଆଡଭାଇଜରୀ

ଉତ୍ତେଜନାମୂଳକ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଦମାସ୍କସ୍‌ରେ ଥିବା ଭାରତୀୟ ଦୂତାବାସ ସିରିଆରେ ଥିବା ସମସ୍ତ ଭାରତୀୟ ନାଗରିକଙ୍କୁ ଅନାବଶ୍ୟକ

ଯାତ୍ରା ଏଡାଇବା ସହ ଉପଯୁକ୍ତ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି । ଏହାବ୍ୟତୀତ ଭାରତୀୟ ନାଗିରକମାନଙ୍କୁ ସିରିଆ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ହୋଇଥିବା ସୁରକ୍ଷା ନିର୍ଦ୍ଦେଶାବଳୀ ଏବଂ ପରାମର୍ଶ ପାଳନ କରିବାକୁ କହିଛି । ସିରିଆରେ ଥିବା ଭାରତୀୟ ନାଗରିକମାନେ ମୋବାଇଲ୍ ନମ୍ବର ୯୬୩-୯୯୩୩-୮୫୯୭୩ରେ ଦୂତାବାସ ସହ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି ।

# ଜୟଶଙ୍କର-ଗଲଫ ଏଫ୍‌ଏମ୍

ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରେ ବୃଦ୍ଧିପାଉଥିବା ଉତ୍ତେଜନା ଦୃଷ୍ଟିରୁ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଗତକାଲି ଉପସାଗରୀୟ ଦେଶର ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନା ଏବଂ କୂଟନୀତି ମାଧ୍ୟମରେ ଉତ୍ତେଜନା ହ୍ରାସ କରିବା ଉପରେ ସଂପୃକ୍ତ ନେତାମାନେ ଗୁରୁତ୍ୱାରୋପ କରିଛନ୍ତି ।

ଡକ୍ଟର ଜୟଶଙ୍କର ୟୁଏଇର ବୈଦେଶିକ ମନ୍ତ୍ରୀ ଶେଖ ଅବଦୁଲ୍ଲା ବିନ୍ ଜାଏଦ ଅଲ୍-ନାହ୍ୟାନଙ୍କ ସହ ଉପସାଗରୀୟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ଭାରତ ବୃଦ୍ଧି ପାଉଥିବା ଉତ୍ତେଜନାମୂଳକ ପରିସ୍ଥିତି ନେଇ ଚିନ୍ତାବ୍ୟକ୍ତ କରିଛି ।       ସେ କହିଛନ୍ତି, ସାଉଦି ଆରବର ବୈଦେଶିକ ମନ୍ତ୍ରୀ ପ୍ରିନ୍ସ

ଫୈଜଲ ବିନ୍ ଫରହାନଙ୍କ ସହ ଉପସାଗରୀୟ ପରିସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି। ସେ ଭାରତୀୟ ସମ୍ପ୍ରଦାୟର ସୁରକ୍ଷା ପ୍ରତି ସଚେତନ ଥିବା କହିଛନ୍ତି ।

ଗତ ସନ୍ଧ୍ୟାରେ କତାର ପ୍ରଧାନମନ୍ତ୍ରୀ ଏବଂ ବୈଦେଶିକ ମନ୍ତ୍ରୀ ଶେଖ ମହମ୍ମଦ ବିନ୍ ଅବଦୁଲରହମାନ ବିନ୍ ଜାସିମ୍ ଅଲ୍ ଥାନିଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ଫୋନ୍ ଯୋଗେ ବାର୍ତ୍ତାଳାପ କରିଛନ୍ତି । ଡକ୍ଟର ଜୟଶଙ୍କର ବାହାରିନର ବୈଦେଶିକ ମନ୍ତ୍ରୀ ଡକ୍ଟର ଅବଦୁଲ ଲାତିଫ ବିନ୍ ରସିଦ ଅଲ ଜୟନି, କୁଓ୍ୱେତ ବୈଦେଶିକ ମନ୍ତ୍ରୀ ଶେଖ ଜାରାହ ଜାବେର ଅଲ-ଅହମଦ ଅଲ-ସବାହଙ୍କ ସହିତ କଥା ହେବା ସହ ଭାରତୀୟ ସମ୍ପ୍ରଦାୟର ସୁରକ୍ଷା ବିଷୟ ଉପସ୍ଥାପନ କରିଛନ୍ତି ।

## ସେମି କଣ୍ଡକ୍ଟ କନ୍‌ଫରେନ୍ସ

କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଗୁଜରାଟ ସେମିକନେକ୍ଟ ସମ୍ମିଳନୀ ୨୦୨୬ ରେ ଯୋଗଦେବେ। ଏହି ସମ୍ମିଳନୀର ଉଦଘାଟନରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ମଧ୍ୟ

ଉପସ୍ଥିତ ରହିବେ। ଏହି ଦୁଇ ଦିନିଆ ସମ୍ମିଳନୀରେ ଆଠଟି ଭିନ୍ନ ଭିନ୍ନ ଦେଶରୁ ୨ହଜାର ୫୦୦ରୁ ଅଧିକ ପଞ୍ଜୀକରଣ ହୋଇଥିବା ସୂଚନା ମିଳିଛି । ସମ୍ମିଳନୀରେ ଟାଟା ଇଲେକ୍‌ଟ୍ରୋନିକ୍ସ, ମାଇକ୍ରୋନ୍ ଟେକ୍ନୋଲୋଜି ଏବଂ ସେମି ସମେତ ଅନ୍ୟ କମ୍ପାନୀଗୁଡ଼ିକ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ 'ଆକାଶବାଣୀରେ ଲୋକମାନଙ୍କ ପଦ୍ମ' ଶୀର୍ଷକ ଏକ ନୂଆ ଧାରାବାହିକ ଆରମ୍ଭ ହେଉଛି । ଏଥିରେ ୨୦୨୬ ମସିହାରେ ପଦ୍ମ ପୁରସ୍କାର ପାଇଥିବା ବ୍ୟକ୍ତିବିଶେଷଙ୍କ ସହ ଆଳାପ ପ୍ରଚାର କରାଯିବ । ଏହାର ପ୍ରଥମ ଏପିସୋଡରେ ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମକୋଟି ବିଜ୍ଞାନ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ଅବଦାନ ସମ୍ପର୍କରେ କହିବେ । ଆଜି ସଂଧ୍ୟା ୫ଟା ୧୦ ମିନିଟ୍‌ରେ ପ୍ରଚାର କରାଯିବ ।

ଅନ୍ୟପକ୍ଷରେ 'ପ୍ରକୃତି କି ବାତ୍ ଆକାଶବାଣୀ କି ସାଥ୍'ର ଦ୍ୱିତୀୟ ଭାଗରେ ଆଜି ପଦ୍ମଭୂଷଣ ବିଜେତା ଅନୀଲ ପ୍ରକାଶ ଯୋଶୀଙ୍କ ସହ ଆଲୋଚନା

ଆଜି ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ପ୍ରଚାର କରାଯିବ । ଉଭୟ କାର୍ଯ୍ୟକ୍ରମ ୧୦୦ ଦଶମିକ ୧ ଆକାଶବାଣୀ ଗୋଲ୍ଡ ଚ୍ୟାନେଲରେ ପ୍ରସାରଣ କରାଯିବ । ଶ୍ରୋତାମାନେ ନ୍ୟୁଜ୍ ଅନ୍ ଏଆଇଆର ଆପ୍ ଏବଂ ଅଫିସିଆଲ ୟୁ-ଟ୍ୟୁବ୍ ଚ୍ୟାନେଲ ଜରିଆରେ ମଧ୍ୟ ଏହି କାର୍ଯ୍ୟକ୍ରମକୁ ଶୁଣିପାରିବେ ।

# ଟି-୨୦ ୱାର୍ଲ୍ଡକପ

ଆଇସିସି ଟି-୨୦ ପୁରୁଷ କ୍ରିକେଟ ବିଶ୍ୱକପରେ, ଗତକାଲି ରାତିରେ ପାଲେକେଲରେ ଖେଳାଯାଇଥିବା ସୁପର ଏଇଟ୍ ଗ୍ରୁପ୍-୨ ମ୍ୟାଚରେ ଶ୍ରୀଲଙ୍କା ବିପକ୍ଷରେ ପାଞ୍ଚ ରନରେ ବିଜୟ ହାସଲ କରିବା ସତ୍ତ୍ୱେ ପାକିସ୍ତାନ ସେମିଫାଇନାଲରେ ପହଞ୍ଚି ପାରିନାହିଁ । ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୧୨ ରନ କରିଥିଲା ।

ଜବାବରେ, ଶ୍ରୀଲଙ୍କା ୨୦ ଓଭରରେ ୬ ୱିକେଟ ହରାଇ ୨୦୭ ରନ ସଂଗ୍ରହ କରିଥିଲା ।

ଆଜି ସଂଧ୍ୟା ୭ଟାରେ କଲକାତାର ଇଡେନ୍ ଗାର୍ଡେନ୍ସରେ ଭାରତ ଏବଂ ଓ୍ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଶେଷ ସପୁର-୮ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ ।

ଅନ୍ୟଏକ ମ୍ୟାଚ୍‌ରେ ଅରୁଣ ଜେଟଲି ଷ୍ଟାଡିୟମରେ ଅପରାହ୍ନ ୩ଟାରେ ଜିମ୍ବାୱ୍ୱେ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଆସନ୍ତା ୪ ଏବଂ ୫ ତାରିଖରେ ସେମିଫାଇନାଲ ଏବଂ ୮ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।